# Akashvani, Sambalpur

## SAMBALPURI NEWS EVENING BULLETIN

## 22 July 2024- 7.02 pm- 7.12 pm.

*********************************************

୧- ୧୭ ନମ୍ବର୍ ବିଧାନ୍‌ସଭାର୍ ବଜେଟ୍ ଅଧିବେଶନ୍ ହେଲା ମୁଲ୍ ।

- ସମୃଦ୍ଧ, ସଶକ୍ତ ଆର୍ ବିକଶିତ୍ ଓଡ଼ିଶା ଗଠନ୍ ଦିଗେ ରାଜ୍ୟ ସର୍‌କାର୍ ପ୍ରତିଶ୍ରୁତିବଦ୍ଧ -କହେଲେ ରାଜ୍ୟପାଲ୍ ରଘୁବର ଦାସ ।

୨- ୨୦୨୪-୨୫ ଆର୍ଥିକ୍ ବଛ୍‌ରେ ବଢ଼୍‌ବା ଦେଶର୍ ଜିଡ଼ିପି- କହେଲେ କେନ୍ଦ୍ର ଅର୍ଥମନ୍ତ୍ରୀ ।

୩- ଦେବ୍‌ଗଡ୍ ସର୍‌କାରୀ ବାର୍‌କୋଟ୍ ଆଇଟିଆଇ ଠାନେ ତିଆର୍ ହେବା ମିନି ଟୁଲ୍ ରୁମ୍ ।

ଆଉର୍

୪- ଶ୍ରାବଣ୍ ମାସର୍ ପହେଲା ସୋମ୍‌ବାର୍ ଲାଗି ପଶ୍ଚିମ ଓଡ଼ିଶାର୍ ଭିନ୍ ଭିନ୍ ଶିବମନ୍ଦିର୍ ମାନ୍‌କେ ହେଇଛେ କାଉଡ଼ିଆମାନ୍‌କର୍ ଭିଡ୍ ।

ବିଧାନ୍‌ସଭା ବଜେଟ୍ ଅଧିବେଶନ୍ ଆର୍‌ଏନ୍‌ୟୁ/ କଟକ୍

୧୭ ନମ୍ବର୍ ବିଧାନ୍‌ସଭାର୍ ବଜେଟ୍ ଅଧିବେଶନ୍ ଆଏଜ୍‌ଠାନୁ ମୁଲ୍ ହେଇଛେ । ବୈଠକ୍‌ଥି ରାଜ୍ୟପାଲ୍ ରଘୁବର୍ ଦାସ ପହେଲା ଅଭିଭାଷଣ୍ ଦେଇଥିଲେ । ରାଜ୍ୟପାଲ୍‌ଙ୍କର୍ ଅଭିଭାଷଣ୍ ଉତ୍‌ରୁ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ, ଦିବଙ୍ଗତ ଆଘର୍ ରାଜ୍ୟପାଲ୍ ମୁରଲୀଧର୍ ଚନ୍ଦ୍ରକାନ୍ତ ଭଣ୍ଡାରେ, ଆଘର୍ ଉପବାଚସ୍ପତି ସୁରେନ୍ଦ୍ର ନାଥ ନାଏକ୍, ଆଘର୍ ମନ୍ତ୍ରୀ ଡାକ୍ତର ଦାମୋଦର୍ ରାଉତ୍, ଡମ୍ବରୁଧର ଉଲାକା, ଡାକ୍ତର୍ କମଳା ଦାସ, ଆଘର୍ ବିଧାୟିକା ଭି. ସୁଜ୍ଞାନ୍ କୁମାରୀ ଦେଓ, ବିଧାୟକ୍ ଆଦିତ୍ୟ ମାଢ଼ୀ, ପଦ୍ମଶ୍ରୀ କମଳା ପୂଜାରୀ ଆର୍ ଶହୀଦ୍ ପୁଲିସ୍ କର୍ମଚାରୀ ହିମାଂଶୁ ଶେଖର୍ ରଥଙ୍କର୍ ଲାଗି ଶୋକ ପ୍ରସ୍ତାବ୍ ଆଗତ୍ କରିଥିଲେ । ସେମାନ୍‌କର୍ ସମ୍ମାନ୍ ଜନେଇକରି ଗୃହ ନ ଗୁଟେ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା । ଶୋକପ୍ରସ୍ତାବ୍ ଗ୍ରହଣ୍ ହେବାର୍ ଆର୍ ଶ୍ରଦ୍ଧାଞ୍ଜଳି ଅର୍ପଣ୍ ଉତ୍‌ରୁ ଆଝିର୍ ଦିନର୍ ବାକି କାର୍ଯ୍ୟକ୍ରମ୍‌କେ ବାତିଲ୍ କରାଯାଇକରି ଗୃହକେ ମୁଲ୍‌ତବୀ ଘୋଷ୍‌ନା କରାଯାଇଥିଲା ।

ରାଜ୍ୟପାଲ୍‌ଙ୍କର୍ ଅଭିଭାଷଣ୍ ଆର୍‌ଏନ୍‌ୟୁ/ କଟକ୍

ସମୃଦ୍ଧ, ସଶକ୍ତ ଆର୍ ବିକଶିତ ଓଡ଼ିଶା ଗଠନ୍ ଦିଗେ ସର୍କାର୍ ପ୍ରତିଶ୍ରୁତିବଦ୍ଧ । ଇ ଦୃଷ୍ଟିକୋଣ ନୁ ସର୍କାର୍ ବିଶ୍ୱସ୍ତରଥି ଆର୍ ଗୁଟେ ବିକଶିତ ଭାରତ୍ ଲାଗି ବିକଶିତ୍ ଓଡ଼ିଶାର୍ ବହୁତ୍ଟେ ପରିକଳ୍ପନା କରାଯାଇଛେ ବଲି ରାଜ୍ୟପାଲ୍ ରଘୁବର୍ ଦାସ କହିଛନ୍ । ଆଏଜ୍ ୧୭ ନମ୍ବର୍ ବିଧାନ୍ସଭାର୍ ବଜେଟ୍ ଅଧିବେଶନ୍ର ପହେଲା ଦିନେ ଗୃହ ନ ଅଭିଭାଷଣ୍ ଦେଇକରି ରାଜ୍ୟପାଲ୍ କହିଛନ୍ ଯେ, ଓଡ଼ିଶା ଗଠନ୍ର ଶହେ ବଛର୍ ପୁର୍ତି ପାଖେଇ ଆସୁଥିବାର୍ ବେଲେ ସର୍କାର୍ ୨୦୩୬ ତକ୍ ଗୁଟେ ବିକଶିତ୍ ଓଡ଼ିଶା ଗଠନ୍ କର୍ବାର୍କେ ଲକ୍ଷ୍ୟ ରଖିଛନ୍ । ସେ ଆହୁରି କହିଛନ୍ ଯେ, ଓଡ଼ିଶା ଏନ୍ତା ଗୁଟେ ରାଜ୍ୟଥି ପରିଣତ୍ ହେବା ଯେନ୍ଠାନେ କି କୃଷକ୍ମାନ୍କର୍ ଉନ୍ନତି, ଯୁଆନ୍ ପୀଢ଼ିଙ୍କର୍ ରୋଜ୍ଗାର୍ ଆର୍ ମହିଳାମାନ୍କୁ ସଶକ୍ତ କର୍ବାର୍ ଲାଗି ସବୁ ବ୍ୟବସ୍ଥା ରହେବା । ରାଜ୍ୟପାଲ୍ ଆହୁରି କହିଛନ୍ ଯେ, କୃଷକ୍, ଶ୍ରମିକ୍, ଜନଜାତି, ଯୁବଶକ୍ତି, ଅନ୍ନଦାତା ଆର୍ ନାରୀଶକ୍ତିକେ ସବୁଦିଗେ ପ୍ରାଥମିକତା ଦିଆଯିବା । ଚାକିରୀ କ୍ଷେତ୍ର ନ ଅଭିବୃଦ୍ଧିର ସୁବର୍ଣ୍ଣ ସୁଯୋଗ୍ ଥିବାର୍ନୁ ଶିଳ୍ପ ଆଉ ଭିତିଭୂମିର ବିକାଶ୍ କରାଯିବା । ସେନ୍ତା ପ୍ରାକୃତିକ ସମ୍ବଳର ସ୍ଥାୟୀ ଉପଯୋଗ୍, ଶିକ୍ଷା ଆଉ ଦକ୍ଷତା ବିକାଶ୍ଥି ଉନ୍ନତି, କୃଷି ଉତ୍ପାଦକତାଥି ବଢ଼୍ତି, ପର୍ଯ୍ୟଟନ୍କେ ପ୍ରୋତ୍ସାହନ୍, ସଂସ୍କାର୍ନୀତି କାର୍ଯ୍ୟକାରୀ କର୍ବାର୍, ଆର୍ଥିକ୍ ସୁନିଶ୍ଚିତତା, ସ୍ୱାସ୍ଥ୍ୟସେବା କ୍ଷେତ୍ରଥି ପୁଞ୍ଜିନିବେଶ୍ ଆର୍ ଉଦ୍ଭାବନ ଆଉ ନୂଆଁ ଯୁଗର୍ ପ୍ରଯୁକ୍ତି ବିଦ୍ୟାକେ ପ୍ରୋତ୍ସାହିତ କରିକରି ଓଡ଼ିଶାକେ ପୂର୍ବ ଭାରତ୍ ନ

ଗୁଟେ ଶକ୍ତିଶାଳୀ ରାଜ୍ୟଥି ପରିଣତ୍ କର୍‌ବାର୍‌କେ ସର୍‌କାର୍ ଚିନ୍ତା କରିଛନ୍ ।

ଆମର୍ ଆରାଧ ମାହାପୁରୁ ଶ୍ରୀ ଜଗନ୍ନାଥଙ୍କର୍ ଆର୍ଶିବାଦ୍ ଆର୍ ଜନସାଧାରଣ୍‌ଙ୍କର୍ ସମର୍ଥନ୍‌ଥି ଫି ଓଡ଼ିଆଙ୍କର୍ ସପନ୍ ଆର୍ ଆକାଂକ୍ଷାକେ ସାକାର୍ କର୍‌ବାର୍ ଦିଗେ ସବୁବେଳେ ଚେଷ୍ଟା ଆର୍ ଦିନ୍‌ରାଏତ୍ କାମ୍ କର୍‌ବାର୍ ଲାଗି ସର୍‌କାର୍ ପ୍ରତିଶ୍ରୁତିବଦ୍ଧ ଆନ୍ । ରାଜ୍ୟପାଲ୍ କହିଛନ୍ ଯେ, ଓଡ଼ିଶାକେ ଗୁଟେ ଗତିଶୀଳ ଉତ୍ପାଦନ କେନ୍ଦ୍ରଥି ପରିଣତ୍ କର୍‌ବାର୍ ଲାଗି ସର୍‌କାର୍ ମେକ୍ ଇନ୍ ଓଡ଼ିଶା କାର୍ଯ୍ୟକ୍ରମ୍ ଜରିଏ ଅଟୋମୋବାଇଲ୍, ବେଟରୀଥି ଚାଲୁଥିବା ଗାଡ଼ିମଟର୍, ସେମି କଣ୍ଡକ୍ଟର୍ ଆର୍ ଆଇଟି ଶିଳ୍ପ ଉପରେ ଜୋର୍ ଦେବେ । ଇତାର୍‌ସହେତେ ଅର୍ଥନୈତିକ ଅଭିବୃଦ୍ଧି ଆର୍ ନିଯୁକ୍ତିକେ ପ୍ରୋତ୍ସାହିତ କରିକରି ୨୦୨୯ ମସିହାତକ୍ ରାଏଜେ ୩ ଲାଖ୍ ୫୦ ହଜାର୍‌ନୁ ଅଏତ୍‌କା ନିଯୁକ୍ତି ସୁଯୋଗ୍ ସୃଷ୍ଟି କର୍‌ବାର୍‌କେ ଲକ୍ଷ୍ୟ ରଖାଯାଇଛେ ।

ସଂସଦ୍ ନ ଅର୍ଥନୈତିକ ସର୍ଭେ ରିପୋର୍ଟ   ଆର୍‌ଏନ୍‌ୟୁ/ସମ୍ବଲପୁର

୨୦୨୪-୨୫ ଆର୍ଥିକ୍ ବଛ୍‌ରେ ଦେଶର୍ ଜିଡିପି ୬ ଦଶ୍‌ମିକ୍ ୫ ନୁ ୭ ପ୍ରତିଶତ୍ ବଢ଼୍‌ବା ବଲି ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ କହିଛନ୍ । ଆଏଜ୍ ସଂସଦ୍ ନ ଅର୍ଥନୈତିକ ସର୍ଭେ ରିପୋର୍ଟ

୨୦୨୩- ୨୪ ରଖିକରି ଅର୍ଥମନ୍ତ୍ରୀ କହିଛନ୍ ଯେ, ୨୦୨୩-୨୪ ଆର୍ଥିକ୍ ବଛ୍‌ରେ ଘରୋଇ ନିବେଶକମାନେ ଅର୍ଥନୈତିକ ଅଭିବୃଦ୍ଧିକେ ସାହାଜ୍ କରିଛନ୍ । ଭାରତୀୟ ପାଣିପାଗ ବିଜ୍ଞାନ୍ କେନ୍ଦ୍ରର ସୂଚ୍‌ନା ଅନ୍‌ସାରେ ଦେଶେ ଦକ୍ଷିଣ ପଶ୍ଚିମ ମୌସୁମୀ ଠିକ୍ ସମିଆଥି ଆସିଥିବାର୍‌ନୁ ଭଲ୍ ବର୍ଷା ହେବା । ଇଥିର୍‌ଲାଗି ଦେଶେ ଭଲ୍ ଚାଷ୍ ହେବାର୍ ସହେତେ ଗ୍ରାମୀଣ ଅର୍ଥନୀତିଥି ଉନ୍ନତି ଆସ୍‌ବା ବଲି ଅର୍ଥମନ୍ତ୍ରୀ କହିଛନ୍ ।

ଇନ ଜନେଇ ଦିଆଯାଇପାରେ ଯେ, ଆଏଜ୍‌ଠାନୁ ସଂସଦ୍ ନ ବଜେଟ୍ ଅଧିବେଶନ୍ ମୁଲ୍ ହେଇଛେ । ଆଏବା କାଏଲ୍ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ୍ ୨୦୨୪-୨୫ ଆର୍ଥିକ୍ ବଛର୍‌ର ପୂର୍ଣ୍ଣାଙ୍ଗ ବଜେଟ୍ ଉପସ୍ଥାପନ୍ କର୍‌ବେ ।

କୋର୍ଟ-ନିଯୁକ୍ତି ଆର୍‌ଏନ୍‌ୟୁ/ କଟକ୍

ରାଏଜେ ନୂଆଁକରି ଖୁଲିଥିବା ୬ ଟା କୋର୍ଟ ଲାଗି ରାଜ୍ୟ ସର୍‌କାର୍ ୭୨ ଟା ପଦ୍‌ବୀ ମଞ୍ଜୁରୀ କରିଛନ୍ । ସେଥିର୍‌ଭିତ୍‌ରେ ଅତିରିକ୍ତ ଜିଲ୍ଲା ଆଉ ସେସନ୍ସ କୋର୍ଟ ରହିଛେ । କଟକ୍, ଭଦ୍ରକ୍, ନୀଳଗିରି, ଉଦଳା, ପଟାମୁଣ୍ଡାଇ ଆର୍ ଖରିଆର୍ ନ ଖୁଲିଥିବା ଇ କୋର୍ଟ ମାନ୍‌କେ ନୂଆଁ ନିଯୁକ୍ତି ଲାଗି ରାଜ୍ୟପାଲ୍‌ଙ୍କର୍ ମଞ୍ଜୁରୀ ମିଲିଥିବାର୍ ଜନାପଡ଼ିଛେ ।

ମେଟ୍ରିକ୍ ସପ୍ଲିମେଂଟରୀ ପରୀକ୍ଷା ଆର୍‌ଏନ୍‌ୟୁ/ କଟକ୍

ରାଏଜେ ଆଏଜ୍‌ନୁ ଓଡ଼ିଶା ମାଧ୍ୟମିକ୍ ଶିକ୍ଷା ପରିଷଦ୍ ତର୍‌ଫୁ ହେଉଥିବା ମେଟ୍ରିକ୍ ସପ୍ଲିମେଂଟରୀ ଆଉ ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ୍ ପରୀକ୍ଷା ମୁଲ୍ ହେଇଛେ । ଗଣିତ ଛଡ଼ା ଫି ବିଷେଥି ପରୀକ୍ଷା ସଖାଲର୍ ୯ ବଜେନୁ ମୁଲ୍ ହେଇକରି ଦିନର୍ ସାଢ଼େ ୧୧ ବଜେତକ୍ ଚାଲ୍‌ବା । ରାଏଜେ ୮୩ ଟା ପରୀକ୍ଷା କେନ୍ଦ୍ରଥି ୯ ଶହ ୭୨ ଝନ୍ ପରୀକ୍ଷାର୍ଥୀ ମେଟ୍ରିକ୍ ସପ୍ଲିମେଂଟରୀ ପରୀକ୍ଷା ଦେଉଥିବାର୍ ବେଲେ ଶହେ ୨୧ ଟା ପରୀକ୍ଷା କେନ୍ଦ୍ର ନ ୨୪ ହଜାର୍ ୫ ଶହ ୨୦ ଝନ୍ ପରୀକ୍ଷାର୍ଥୀ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ୍ ପରୀକ୍ଷା ଦେଉଛନ୍ । ଆଏବା ୩୧ ତାରିଖ୍‌ତକ୍ ଇ ପରୀକ୍ଷା ଚାଲ୍‌ବା ।

ମିନି ଟୁଲ୍‌ରୁମ୍- ଦେବ୍‌ଗଡ଼୍ ଦେବ୍‌ଗଡ଼୍ ସମ୍ବାଦଦାତା

ଦେବ୍‌ଗଡ଼୍ ଜିଲ୍ଲାର୍ ସର୍‌କାରୀ ବାର୍‌କୋଟ୍ ଆଇଟିଆଇ ଆର୍ ଯାଜ୍‌ପୁର୍ ଜିଲ୍ଲାର୍ ସର୍‌କାରୀ ପଲିଟେକ୍‌ନିକ୍ ଠାନେ ମିନି ଟୁଲ୍ ରୁମ୍ ତିଆର୍ ହେବା । ଇଥିର୍‌ଲାଗି ଦକ୍ଷତା ବିକାଶ୍ ଆଉ ବୈଷୟିକ ଶିକ୍ଷା ଆର୍ ସେଂଟ୍ରାଲ୍ ଟୁଲ୍ ରୁମ୍ ଆଉ ପ୍ରଶିକ୍ଷଣ କେନ୍ଦ୍ର - ସିଟିଟିସି ଭିତ୍‌ରେ ଆଏଜ୍ ଭୁବ୍‌ନେଶ୍ୱର୍ ନ ଗୁଟେ ବୁଝାମଣା ପତ୍ର ସ୍ୱାକ୍ଷରିତ୍ ହେଇଛେ । ଇ ଚୁକ୍ତିପତ୍ର

ସ୍ୱାକ୍ଷରିତ୍ ହେଲା ବେଲେ ଦକ୍ଷତା ବିକାଶ୍ ମନ୍ତ୍ରୀ ସମ୍ପଦ୍ ଚନ୍ଦ୍ର ସ୍ୱାଇଁ ଉପସ୍ଥିତ୍ ଥିଲେ । ବୈଷୟିକ ଶିକ୍ଷା ଆଉ ପ୍ରଶିକ୍ଷଣ ନିର୍ଦ୍ଦେଶକ ରେଘୁଜୀ ଆଉ ସିଟିଟିସି ର ସାଧାରଣ ପରିଚାଳକ ଏଲ୍. ରାଜଶେଖର୍ ଇ ଚୁକ୍ତିନାମାଥି ଦସ୍ତଖତ୍ କରିଛନ୍ । ଇଟା ହେବାର୍‌ନୁ ଇ ଦୁହି କେନ୍ଦ୍ର ନ ଶିକ୍ଷକ୍ ଆର୍ ଛାତ୍ରଛାତ୍ରୀ ମାନେ ତାଲିମ୍ ପାଇପାର୍‌ବେ । ଯୁଆନ୍ ପିଢ଼ିଙ୍କର୍ ଦକ୍ଷତା ବିକାଶ୍ ହେବାର୍ ସହେତେ ସେମାନେ ଆଧୁନିକ୍ ବୈଷୟିକ ଜ୍ଞାନ୍ କୌଶଲ୍‌ଥି କୁଶଳୀ ହେଇକରି ରୋଜ୍‌ଗାର୍ କରିପାର୍‌ବେ । ଇ ମିନି ଟୁଲ୍ ରୁମ୍‌ଥି ମେସିନାରୀ ତାଲିମ ସୁବିଧା ଦିଆଯିବା ବଲି ସୂଚ୍‌ନା ମିଳିଛେ ।

ଶ୍ରାବଣ୍ ସୋମ୍‌ବାର୍      ବର୍‌ଗଡ୍ ସମ୍ବାଦଦାତା

ଶ୍ରାବଣ୍ ମାସର୍ ପହେଲା ସୋମ୍‌ବାର୍ ଦିନେ ଆଏଜ୍ ପଶ୍ଚିମ ଓଡ଼ିଶାର୍ ଭିନ୍ ଭିନ୍ ଶିବ ମନ୍ଦିର୍ ମାନ୍‌କେ ଭକ୍ତମାନ୍‌କର୍ ଭିଡ୍ ଲାଗି ରହିଛେ । ପହପହନୁ ଭକ୍ତମାନେ ଶିବମନ୍ଦିର୍ ମାନ୍‌କେ ପାଏନ୍ ଢାଲିକରି ଭଗବାନ୍ ଶିବଙ୍କର୍ ଦର୍ଶନ୍ କରିଛନ୍ ।

ଇ ଅବ୍‌ସରେ ସମ୍ବଲ୍‌ପୁର୍ ଜିଲ୍ଲାର୍ ହୁମା, ମାନେଶ୍ୱର୍, ମୁକ୍ତେଶ୍ୱର୍, କନ୍ଲେଶ୍ୱର୍ ଶିବ ମନ୍ଦିର୍ ନ ବାହାରୁ ବହୁତ୍‌ଟେ ଭକ୍ତ ପାଏନ୍ ନେଇକରି ଆସିକରି ଶିବଙ୍କୁ ପାଏନ୍ ଚଢ଼େଇଛନ୍ । ଇତାର୍‌ଛଡ଼ା ସମ୍ବଲ୍‌ପୁର୍ ସହରର୍ ବାଲିବନ୍ଧା, ବୁଢ଼ାରଜା,

ଦୁର୍ଗାପାଲି, ଝାଡୁଆପଡ଼ା, ନନ୍ଦପଡ଼ା, ମୁଦିପଡ଼ା ସହେତେ ସବୁ ଶିବମନ୍ଦିର୍ ମାନ୍‌କେ ଦର୍ଶନ୍ ଆର୍ ପାଏନ୍ ଚଢ଼ାବାର୍‌କେ ଭକ୍ତ ଆର୍ କାଉଡ଼ିଆମାନ୍‌କର୍ ଭିଡ୍ ଲାଗିଥିଲା ।

ବର୍‌ଗଡ୍ ଜିଲ୍ଲାର୍ ଭିନ୍ ଭିନ୍ ଶିବ ମନ୍ଦିର୍ ନ ଭକ୍ତମାନେ ପୂଜା ଅର୍ଚ୍ଚନା କରୁଛନ୍ । ଜିଲ୍ଲାର୍ ଅଷ୍ଟଶମ୍ଭୁ ପୀଠ ଅତାବିରାର୍ ସରଣ୍ଡା ଆର୍ ସର୍ଣ୍ଡା, ବର୍‌ଗଡ୍‌ର ଗାଇସିମା ଆର୍ ଦେଗାଁ, ଭଟ୍‌ଲିର୍ ନୀଲ୍‌ଜୀ, ଅମ୍ଭଭୋନାର୍ କେଦାର୍‌ନାଥ୍‌ଙ୍କୁ ଭକ୍ତମାନେ ପହପହନୁ ପାଏନ୍ ଚଢ଼େଇକରି  ଦର୍ଶନ୍ କରୁଛନ୍ । ସେନ୍ତା ପାଇକ୍‌ମାଲ୍‌ର ନୃସିଂହନାଥ ପୀଠ ନ କାଉଡ଼ିଆମାନ୍‌କର୍ ଭିଡ୍ ହେଇଛେ ।

ସୁବର୍ଣ୍ଣପୁର୍ ଜିଲ୍ଲାର୍ ଶିବମନ୍ଦିର୍ ମାନ୍‌କେ ଭିଲ୍ ଆଏଜ୍ ଭକ୍ତମାନ୍‌କର୍ ଭିଡ୍ ଲାଗି ରହିଛେ । ମନ୍ଦିରମାଳିନୀ ସୁବର୍ଣ୍ଣପୁର୍‌ର ଅଷ୍ଟଶମ୍ଭୁ ବାବା ସୁବର୍ଣ୍ଣମେରୁ, ରାମେଶ୍ୱର୍, ଗୋକର୍ଣ୍ଣେଶ୍ୱର୍ ସହେତେ ବୈଦ୍ୟନାଥର ବାବା କୋଶଳେଶ୍ୱର, ଚର୍‌ଦାର୍ ବାବା କପିଳେଶ୍ୱର୍, ବୀର୍‌ମହାରାଜ୍‌ପୁର୍‌ର ବାବା ଚମ୍ପେଶ୍ୱର, ବାବା ଗୋଧନେଶ୍ୱର୍ ଆର୍ ନାଗେଶ୍ୱର୍ ମନ୍ଦିର୍ ନ ଶ୍ରଦ୍ଧାଳୁଙ୍କର୍ ଭିନ୍ ହେଉଥିବାର୍ ଦେଖାଯାଇଛେ । ରାଜ୍ୟର୍ ଭିନ୍ ଭିନ୍ ଜାଗା ନୁ ବୋଲ୍‌ବମ୍ ଭକ୍ତମାନେ ବହୁତ୍‌ଟେ ଆସିକରି ମହାନଦୀ ଆର୍ ତେଲ୍‌ନଦୀର ସଂଗମ୍‌ସ୍ଥଲ୍ ସ୍ୱର୍ଣ୍ଣପୟାଗ୍ ଘାଟ୍‌ନୁ ପାଏନ୍ ନେଇକରି ଶିବଙ୍କୁ ଚଢ଼େଇଛନ୍ । ଭିଡ୍‌କେ ନଜର୍‌ଥି ରଖିକରି ମନ୍ଦିର୍‌ମାନ୍‌କେ ଜିଲ୍ଲା ପ୍ରଶାସନ୍ ଆର୍ ପୁଲିସ୍ ତର୍‌ଫୁ ଶୃଙ୍ଖଲିତ୍ ଦର୍ଶନ୍‌ର ବ୍ୟବସ୍ଥା କରାଯାଇଛେ ।

ବୌଦ୍ଧ ଜିଲ୍ଲାର୍ ଐତିହାସିକ ଗନ୍ଧରାଡ଼ି ପୀଠ ସହେତେ ଭିନ୍ ଭିନ୍ ଶିବମନ୍ଦିର୍ ମାନ୍‌କେ ଆଏଜ୍ କାଉଡ଼ିଆ ମାନ୍‌କର୍ ଜବର୍ ଭିଡ଼୍ ହେଇଥିଲା । ଖାସ୍ କରି ଗନ୍ଧରାଡ଼ି ନ ହର ଆର୍ ହରି ଥିବାର୍‌ନୁ ଜିଲ୍ଲା ଆର୍ ଜିଲ୍ଲା ବାହାରୁ କାଉଡ଼ିଆମାନେ ପାଏନ୍ ଚଢ଼େଇଥିଲେ ।

## ଯୁଗ୍ମ ଅଭିଯୋଗ୍ ଶୁଣାଣି

ସମ୍ବଲପୁର/ସୁବର୍ଣ୍ଣପୁର/ବୌଦ୍ଧ/ନୂଆପଡ଼ା/ଦେବ୍‌ଗଡ଼୍/ବର୍‌ଗଡ଼୍

ପଶ୍ଚିମ ଓଡ଼ିଶାର୍ ଭିନ୍ ଭିନ୍ ଜିଲ୍ଲାମାନ୍‌କେ ଆଏଜ୍ ଜିଲ୍ଲାପାଳ୍ ଆର୍ ଏସ୍.ପି.ମାନ୍‌କର୍ ମିଳିତ ଯୁଗ୍ମ ଅଭିଯୋଗ୍ ଶୁଣାଣି ହେଇଯାଇଛେ ।

ସମ୍ବଲ୍‌ପୁର୍ ଜିଲ୍ଲା ରେଙ୍ଗାଲି ବ୍ଲକ୍ କାର୍ଯ୍ୟାଳୟ ନ ଆଏଜ୍ ହେଇଥିବା ଶୁଣାଣିଥି ୨୪ ଟା ଅଭିଯୋଗ୍‌ର ଶୁଣାଣି ହେଇଥିଲା ।

ସେନ୍ତା ସୁବର୍ଣ୍ଣପୁର୍ ଜିଲ୍ଲାର୍ ବୀର୍‌ମହାରାଜ୍‌ପୁର୍ ବ୍ଲକ୍ ନ ହେଇଥିବା ଅଭିଯୋଗ୍ ଶୁଣାଣି ଶିବିରଥି ୩୭ ଟା ଅଭିଯୋଗ୍‌ର ଶୁଣାଣି ହେଇଥିଲା ।

ବୌଦ୍ଧ ବ୍ଲକ୍ କାର୍ଯ୍ୟାଳୟ ନ ହେଇଥିବା ଜନଶୁଣାଣିଥି ୧୨ ଟା ଅଭିଯୋଗ୍‌ର ସାଙ୍ଗେ ସାଙ୍ଗ୍ ସମାଧାନ୍ କରାଯାଇଥିଲା ।

ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍ ବ୍ଲକ୍ ସମ୍ମିଳନୀ କକ୍ଷ ନ ହେଇଥିବା ଶିବିରଥି ୪୯ ଟା ଅଭିଯୋଗ୍‌ର ଶୁଣାଣି ହେଇଥିଲା ।

ଇତାର୍‌ଛଡ଼ା ଦେବ୍‌ଗଡ଼୍‌ ଜିଲ୍ଲା ରିଆମାଲ୍‌ ବ୍ଲକ୍‌ର କୋହ୍ଲବସା ଗ୍ରାମ୍‌ପଂଚାୟତ୍‌ ସମ୍ମିଲନୀ କକ୍ଷ ନ ହେଇଥିବା ଯୁଗ୍ମ ଅଭିଯୋଗ୍‌ ଶୁଣାଣି ଶିବିରଥି ୩୭ ଟା ଅଭିଯୋଗ୍‌ର ଶୁଣାଣି କରାଯାଇକରି ସେମାନ୍‌କର୍‌ ସମାଧାନ୍‌ କରାଯିବାର୍‌କେ ଜିଲ୍ଲାପାଲ୍‌ ନିର୍ଦ୍ଦେଶ୍‌ ଦେଇଥିଲେ ।

ବର୍‌ଗଡ଼୍‌ ଜିଲ୍ଲା ଭଟ୍‌ଲି ପଂଚାୟତ୍‌ ସମିତି ନ ହେଇଥିବା ମିଳିତ୍‌ ଅଭିଯୋଗ୍‌ ଶୁଣାଣି ଶିବିରଥି ୪୦ ଟା ଅଭିଯୋଗ୍‌ର ଶୁଣାଣି ହେଇଥିଲା ।

ମନ୍‌ କି ବାତ୍‌ ଆର୍‌ଏନ୍‌ୟୁ/ କଟକ୍‌

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ୨୮ ତାରିଖ୍‌ ରଏବାର୍‌ ଦିନ ଆକାଶ୍‌ବାଣୀର୍‌ ମନ୍‌ କି ବାତ୍‌ କାର୍ଯ୍ୟକ୍ରମ୍‌ ଜରିଏ ଦେଶ୍‌ବାସୀଙ୍କୁ ସମ୍ବୋଧନ୍‌ କର୍‌ବେ । ଇଟା ତାଙ୍କର୍‌ ଶହେ ୧୨ ନମ୍ବର୍‌ ମନ୍‌ କି ବାତ୍‌ କାର୍ଯ୍ୟକ୍ରମ୍‌ ହେବା । ଇଥିର୍‌ଲାଗି ନରେନ୍ଦ୍ର ମୋଦୀ ଆପ୍‌ କି ମାଇ ଗଭ୍‌ ଓପନ୍‌ ଫୋରମ୍‌ଥି ପ୍ରଧାନ୍‌ମନ୍ତ୍ରୀ ଲୁକ୍‌କର୍‌ ଠାନୁ ଆଏବା ୨୬ ତାରିଖ୍‌ତକ୍‌ ମତାମତ୍‌ ଆହ୍ୱାନ୍‌ କରିଛନ୍‌ । ଇତାର୍‌ଛଡ଼ା ମାହାଲିଆ ଫୋନ୍‌ ନମ୍ବର୍‌ ୧୮୦୦-୧୧-୭୮୦୦ କେ ଡାଏଲ୍‌ କରିକରି ସେମାନେ ସେମାନ୍‌କର୍‌ ସନ୍ଦେଶ୍‌ ହିନ୍ଦୀ କି ଇଂରାଜୀଥି ରେକର୍ଡ଼୍‌ କରେଇପାର୍‌ବେ । ଇ କାର୍ଯ୍ୟକ୍ରମ୍‌ ଆକାଶ୍‌ବାଣୀ ଆଉ ଦୂର୍‌ଦର୍ଶନ୍‌ ଜରିଏ ଆର୍‌ ଏଆଇଆର୍‌ ନ୍ୟୁଜ୍‌ ୱେବ୍‌ସାଇଟ୍‌ ‘ନ୍ୟୁଜ୍‌ ଅନ୍‌ ଏଆଇଆର୍‌’

ମୋବାଇଲ୍ ଆପ୍‌ରୁ ପ୍ରସାରଣ୍ କରାଯିବ। । ଏଆଇଆର୍ ନ୍ୟୁଜ୍, ଡିଡି ନ୍ୟୁଜ୍ ଆର୍ ପିଏମ୍‌ଓ ଅଫିସ୍‌ର ୟୁ-ଟ୍ୟୁବ୍ ଚେନାଲ୍‌ଥି ଭିଲ୍ ଶୁନାଯାଇପାର୍‌ବା । ପ୍ରଧାନ୍‌ମନ୍ତ୍ରୀଙ୍କର୍ ହିନ୍ଦୀ ଅଭିଭାଷଣ୍ ଉତ୍‌ରୁ ଆଂଚଲିକ୍ ଭାଷଥି ଇତାର୍ ପ୍ରସାରଣ୍ କରାଯିବା ।

ପାଣିପାଗ ଆର୍‌ଏନ୍‌ୟୁ/ କଟକ୍

ବଙ୍ଗୋପ୍‌ସାଗର୍ ନ ସୃଷ୍ଟି ହେଇଥିବା ଅବପାତ ଦୁର୍ବଲ୍ ହେଇକରି ସୁଦୃଶ ଲଘୁଚାପ୍ ହେଇଛେ । ଇତାର୍ ପ୍ରଭାବ୍‌ଥି ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ବର୍ଷା ଲାଗି ରହିଛେ । ଗଲା ୨୪ ଘଂଟା ଭିତ୍‌ରେ ମାଲ୍‌କାନ୍‌ଗିରି ଜିଲ୍ଲାର୍ ଚିତ୍ରକୋଣ୍ଡା ନ ସବୁଠାନୁ ଅଏତ୍‌କା ଶହେ ୬୪ ଦଶ୍‌ମିକ୍ ୫ ମିଲିମିଟର୍ ବର୍ଷା ରେକର୍ଡ଼ ହେଇଛେ । ଭୁବ୍‌ନେଶ୍ୱର୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ମିଲିଥିବା ସୂଚ୍‌ନା ଅନ୍‌ସାରେ ଜୁନ୍ ୧ ତାରିଖ୍‌ନୁ ଆଏଜ୍‌ତକ୍ ରାଏଜେ ୩ ଶହ ୭୧ ଦଶ୍‌ମିକ୍ ୯ ପ୍ରତିଶତ୍ ମିଲିମିଟର୍ ବର୍ଷା ରେକର୍ଡ଼ କରାଯାଇଛେ । ଯେନ୍‌ଟାକି ସ୍ୱାଭାବିକ୍ ବର୍ଷାନୁ ୧୭ ପ୍ରତିଶତ୍ କମ୍ ଆଏ । ୧୩ ଟା ଜିଲ୍ଲା ନ ସ୍ୱାଭାବିକ୍ ବର୍ଷା ହେଇଥିବାର୍ ପାଣିପାଗ୍ ବିଭାଗ୍ କହିଛେ ।